# Akashvani, Sambalpur

## SAMBALPURI NEWS MORNING BULLETIN

## 15 March 2026 - 6.47- 6.52 am.

---

ଗ୍ରାମୋଦୟ ଅଭିଯାନ          ଆଇ.ଆଣ୍ଡ.ପି.ଆର୍

ମାଓ ପ୍ରଭାବିତ୍ ଇଲାକା ନ ଯୁଆନ୍ ପିଢ଼ି ମାନ୍‌କର୍ ଭିତ୍‌ରେ ଥିବା ଖେଲ୍‌ୱାଡ୍ ମନୋଭାବ୍‌କେ ବଢ଼ାବାର୍ ଲାଗି ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ଗ୍ରାମୋଦୟ ଅଭିଯାନ୍ ମୁଲ୍ ହେଇଛେ । ଇ ଅଭିଯାନ୍ ଜରିଏ ବର୍‌ଗଡ୍, ବଲାଙ୍ଗିର୍, ବୌଦ୍ଧ, ନୂଆପଡ଼ା, କଲାହାଣ୍ଡି, କନ୍ଧମାଲ୍, କୋରାପୁଟ୍, ମାଲ୍‌କାନ୍‌ଗିରି, ନବରଙ୍ଗ୍‌ପୁର୍ ଆଉ ରାୟଗଡ଼ା ଜିଲ୍ଲାର୍ ୪ ଶହ ୮୫ ଟା ଗାଁକେ ଖେଲ୍ ସାମଗ୍ରୀ ଯୁଗେଇ ଦିଆଯିବା । ଇଥିର୍‌ଲାଗି ୨ କୋଟି ୪୨ ଲାଖ୍ ୫୦ ହଜାର୍ ଟଙ୍କା ମଞ୍ଜୁର୍ କରାଯାଇଛେ । ଫି’ ଗାଁକେ ୫୦ ହଜାର୍ ଟଙ୍କାର୍ ଖେଲ୍ କିଟ୍ ଯୁଗେଇ ଦିଆଯିବା । ଇ କିଟ୍ ମାନ୍‌କେ କ୍ରିକେଟ୍, ଫୁଟ୍‌ବଲ୍, ଭଲିବଲ୍, ବେଡ଼ମିଂଟନ୍ ସହେତେ ଚେସ୍ ଆଉ କ୍ୟାରମ୍ ବାଗିର୍ ଇଡ଼୍‌ଡୋର୍ ଖେଲ୍‌ର ସାମାନ୍ ରହେବା ।

ରାଷ୍ଟ୍ରୀୟ ଲୋକ୍ ଅଦାଲତ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ହାଇକୋର୍ଟ ସହେତେ ୧୩ ଟା ଜିଲ୍ଲା ନ ଅଦାଲତ୍ ଆଉ ତାଲୁକ୍ ସ୍ତରୀୟ ଅଦାଲତ୍ ନ ଗଲାକାଏଲ୍ ବଛ୍‌ରର୍ ପହେଲା ରାଷ୍ଟ୍ରୀୟ ଲୋକ୍ ଅଦାଲତ୍ ହେଇଯାଇଛେ । ସାରା ରାଏଜର୍ ଭିନ୍ ଭିନ୍ ଅଦାଲତ୍ ନ ହେଇଥିବା ରାଷ୍ଟ୍ରୀୟ ଲୋକ୍‌ଅଦାଲତ୍‌ଥି ୩ ଲାଖ୍ ୧୧ ହଜାର୍ ୬ ଶହ ୯୦ ଟା ମାମ୍‌ଲାର୍ ସମାଧାନ୍ କରାଯାଇଛେ । ଭିନ୍ ଭିନ୍ ପକ୍ଷଙ୍କୁ ଶହେ ୬୬ କୋଟି ୨୩ ଲାଖ୍ ୧୩ ହଜାର୍ ୯ ଶହ ୨୫ ଟଙ୍କା ଦେବାର୍ ଲାଗି ନିର୍ଦ୍ଦେଶ୍ ଦିଆଯାଇଛେ ।

ରଥଯାତ୍ରା ପ୍ରସ୍ତୁତି ଆର୍‌ଏନ୍‌ୟୁ/ ସମ୍ବଲପୁର

ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାକେ ଇ ବଛର୍ ଶାନ୍ତିଶୃଙ୍ଖଲାର୍ ସହେତେ କର୍‌ବାର୍ ଲାଗି ବରିଷ୍ଠ ପୁଲିସ୍ ଅଧିକାରୀ ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ ଦାୟିତ୍ୱ ଦିଆଯାଇଛେ । ଇଥିର୍‌ଲାଗି ପୁଲିସ୍ ମୁଖ୍ୟାଳୟ ତର୍‌ଫୁ ସୂଚ୍‌ନା ମିଳିଛେ । ରଥଯାତ୍ରା ବେଲ୍‌କେ ଆଇନ୍‌ଶୃଙ୍ଖଲା, ଟ୍ରାଫିକ୍ ନିୟନ୍ତ୍ରଣ୍, ମନ୍ଦିର୍ ଭିତ୍‌ରର୍ ଆଉ ବାହାରର୍ ବ୍ୟବସ୍ଥାର୍ ତଦାରଖ୍

କର୍‌ବେ ବଲି ଜନାପଡ଼ିଛେ । ପୁରୀ ଜିଲ୍ଲାପାଲ୍‌ଙ୍କର୍ ଅଧ୍ୟକ୍ଷତାଥି ରଥଯାତ୍ରା ବାବଦ୍ ପହେଲା ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଭିନ୍ ଭିନ୍ ଯୋଜ୍‌ନା ବାବ୍‌ଦେ ଆଲୋଚନା କରାଯାଇଥିଲା ।

ଅପରେସନ୍ ସାଇବର୍ କବଚ         ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ସାଇବର୍ ସଚେତନତାକେ ନେଇକରି ଆଏବା ଦିନେ ସବୁ ଜିଲ୍ଲା ନ କାର୍ଯ୍ୟକ୍ରମ୍ ମାନ୍ ହେବା ବଲି ପୁଲିସ୍ ମହାନିର୍ଦ୍ଦେଶକ୍ ଯୋଗେଶ୍ ବାହାଦୂର୍ ଖୁରାନିଆ କହିଛନ୍ । ଶ୍ରୀ ଖୁରାନିଆ କହିଛନ୍, ଅପରେସନ୍ ସାଇବର୍ କବଚ୍ ଜରିଏ ଇହାଦେତକ୍ ୩୭ ହଜାର୍ ୯୪ ଟା ବେନାମୀ ଏକାଉଂଟ୍ ଯାଂଚ୍ କରାଯିବାର୍ ସହେତେ ୩ ଶହ ୬୫ ଝନ୍ ଅଭିଯୁକ୍ତଙ୍କୁ ଗିରଫ୍ କରାଯାଇଛେ । ଇତାର୍ ସହେତେ ୭ ହଜାର୍ ୨ ଶହ ୭୬ ଝନ୍ ସନ୍ଦିଗ୍ଧ ଏକାଉଂଟ୍ ଧାରୀ ଆଉ ସହାୟକଙ୍କୁ ନୋଟିସ୍ ଜାରି କରାଯାଇଛେ । ଜାଲ୍ ଏକାଉଂଟ୍ ଜରିଏ ଠକେଇ କଲେ ବିଭାଗ୍ ତର୍‌ଫୁ କଡ଼ା କାର୍ଯ୍ୟାନୁଷ୍ଠାନ୍ ନିଆଯିବା ବଲି ଶ୍ରୀ ଖୁରାନିଆ କହିଛନ୍ ।

ଜୁଭେନ୍‌ଟିକା ଆଇ.ଆଣ୍ଡ୍.ପି.ଆର୍

ଓଡ଼ିଶା ପୁଲିସ୍ ଆଉ ୟୁନିସେଫ୍‌ର ମିଳିତ୍ ସହଯୋଗ୍‌ଥି ଭୁବ୍‌ନେଶ୍ୱର୍ ପୁଲିସ୍ ଭବନ୍ ନ 'ଜୁଭେନ୍‌ଟିକା-ଡିଜିଟାଲ୍ ଅଧିକାର୍ ଆଉ ଶିଶୁମାନ୍‌କର୍ ସୁରକ୍ଷା' ଶୀର୍ଷକ୍‌ଥି ଆଲୋଚନା ଚକ୍ର ହେଇଯାଇଛେ। ଡିଜିଟାଲ୍ ଦୁନିଆଥି ଛୁଆମାନେ ସମ୍ମୁଖୀନ୍ ହେଉଥିବା ଆହ୍ୱାନ୍ ଆଉ ସୁରକ୍ଷା ବିଷେଥି ପ୍ରଶାସକ, ପୁଲିସ୍ ଅଧିକାରୀ, ଶିକ୍ଷାବିତ୍, ଅଭିଭାବକ୍ ଆଉ ଶିଶୁ ଅଧିକାର୍ ବିଶେଷଜ୍ଞମାନେ ଆଲୋଚନା କରିଥିଲେ। ସାଇବର୍ ସୁରକ୍ଷା ସଚେତନତା ଲାଗି ରାଏଜେ ୨୦ ଟା ନୂଆଁ ସାଇବର୍ ପୁଲିସ୍ ଷ୍ଟେସନ୍ ଥାପ୍‌ନା କରାଯାଇଛେ ଆଉ ୭୧ ପୁଲିସ୍ ଷ୍ଟେସନ୍ ନ ଶିଶୁ ଅନୁକୁଳ ଜାଗାର୍ ବିକାଶ୍ କରାଯାଇଛେ ବଲି ଇ ଅବ୍‌ସରେ ପୁଲିସ୍ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର୍ ଖୁରାନିଆ କହିଛନ୍।

ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଆର୍‌ଏନ୍‌ୟୁ/ କଟକ୍

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ୍ ତରଫ୍ରୁ ୯ ଶ୍ରେଣୀଥି ନାଁଲେଖା ଲାଗି ଆଇକନିକ୍ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଆଏବା ୨୫ ତାରିଖ୍ ଦିନ ହେବା । ପ୍ରବେଶିକା ପରୀକ୍ଷା ଲାଗି ଆବେଦନ୍ କରିଥିବା ଛାତ୍ରଛାତ୍ରୀମାନେ ଆଏବା ସୋମ୍‌ବାର୍ ଦିନ୍ ଠାନୁ ବୋର୍ଡ଼୍ ୱେବ୍‌ସାଇଟ୍‌ଥି ପାଇପାର୍‌ବେ । ଇ ବାବ୍‌ଦେ ବୋର୍ଡ଼୍ ତରଫ୍ରୁ ସୂଚ୍‌ନା ଦିଆଯାଇଛେ ।

ଇଗ୍ନେନା ନାଁଲେଖା ସମିଆ ବଢ଼୍‌ଲା ଆର୍‌ଏନ୍‌ୟୁ/ କଟକ

ଚଲ୍‌ତି ଶିକ୍ଷାବଛରଥି ଇନ୍ଦିରାଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟ-ଇଗ୍ନୋ ପାଠ୍ୟକ୍ରମଥି ନାଁ ଲେଖାବାର ସମିଆ ଆଏଜ୍ ଶେଷ୍ ହେଉଛେ । ଇଚ୍ଛୁକ୍ ଛାତ୍ରଛାତ୍ରୀମାନେ ଭିନ୍ ଭିନ୍ ପାଠ୍ୟକ୍ରମ୍‌ଥି ନାଁ ଲେଖାବାର୍ ଲାଗି ଇଗ୍ନୋର୍ ୱେବ୍‌ସାଇଟ୍ www.ignou.ac.in ଥି ଇ ବାବ୍‌ଦେ ଅଏତ୍‌କା ସୂଚ୍‌ନା ପାଇପାର୍‌ବେ ।

ବିଶ୍ୱ ଖାଉଟୀ ଅଧିକାର ଦିବସ ଆର୍‌ଏନ୍‌ୟୁ/ ସମ୍ବଲପୁର

ଖାଉଟୀ ଅଧିକାର ଆଉ ଆବଶ୍ୟକତା ବାବ୍‌ଦେ ଲୁକ୍‌କୁ ସଚେତନ କରବାର୍ ଲାଗି ଆଏଜ୍ ବିଶ୍ୱ ଖାଉଟୀ ଅଧିକାର ଦିବସ ପାଲନ କରାଯାଉଛେ । ଆମେ ଘିନୁଥିବାର୍ ଜିନିଷ ଆଉ ସେବାର ଗୁଣବତା, ଶୁଦ୍ଧତା, ଦାମ୍ ଆଉ ମାନଦଣ୍ଡ ବାବ୍‌ଦେ ତଥ୍ୟ ହାସଲ୍ କର୍‌ବାର୍ ସମ୍‌କିରିର ଅଧିକାର ଆଏ । ବଜାର ନ ଅସାଧୁ ବ୍ୟକ୍ତିଙ୍କର ଠକେଇ ନୁ ରକ୍ଷା ପାଏବାର୍ ସହେତେ ନିଜର୍ ସୁରକ୍ଷା ଅଧିକାର ଦାବି କର୍‌ବାର୍ ଲାଗି ଇ ଦିବସ ପାଲନ ଜରିଆଥି ଲୋକ୍ ମାନ୍‌କୁ ସଚେତନ କରାଯାଉଛେ ।

ଖାଉଟି ମାନ୍‌କର୍ ସୁରକ୍ଷା ଲାଗି ଜିଲ୍ଲାସ୍ତର୍ ନ କାମ୍ କରୁଥିବା ଜିଲ୍ଲା ଉପଭୋକ୍ତା ପରାମର୍ଶ କେନ୍ଦ୍ରମାନ୍‌କୁ ଅଏତ୍‌କା ଲୋକାଭିମୁଖୀ କର୍‌ବାର୍ ଲାଗି ରାଜ୍ୟ ସର୍‌କାର୍ ପ୍ରତିଶ୍ରୁତିବଦ୍ଧ ଆନ୍ ବଲି ଇ ଦିବସ୍ ଅବ୍‌ସରେ ଖାଦ୍ୟଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ଉପଭୋକ୍ତା ସୁରକ୍ଷା ଜାଗରଣ୍‌ଥି ସାମିଲ୍ ହେଇକରି ଇତାକେ ଅଏତ୍‌କା ସକ୍ରିୟ କର୍‌ବାର୍ ଲାଗି ସେ ରାଜ୍ୟବାସୀଙ୍କୁ ନିବେଦନ୍ କରିଛନ୍ ।

ଏସ୍‌ଆଇଆର୍ ସର୍ଭେ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ନ ଭୋଟର୍ ତାଲିକା ସଂଶୋଧନ୍ ଆଉ ଏସ୍ଆଇଆର୍ ସର୍ଭେ କାମ୍ ଜାରି ରହିଥିବାର୍ ବେଲେ ବିଏଲ୍ଓ କାମ୍ ବାବ୍ଦେ ବିଭାଗୀୟ ଅଧିକାରୀମାନେ ଘର୍ ଘର୍ ବୁଲିକରି ତଦାରଖ୍ କରିଛନ୍ । ଗଲାକାଏଲ୍ ଖଡ଼ିଆଲ୍ ର ୭ ନମ୍ବର୍ ୱାର୍ଡ଼ ନ ଏସ୍ଆଇଆର୍ ସର୍ଭେ କାମ୍‌କେ ବ୍ୟାପକ୍ କର୍‌ବାର୍ ଲାଗି ଗୁଟେ ବୈଠକ୍ ହେଇଯାଇଛେ ।

ହକି ବିଶ୍ୱକପ୍ କ୍ୱାଲିଫାୟର୍ସ          ଆଇ.ଆଣ୍ଡ୍.ପି.ଆର୍

ହାଇଦ୍ରାବାଦ୍ ଠାନେ ଚାଲିଥିବା ଏଫ୍ଆଇଏଚ୍ ହକି ବିଶ୍ୱକପ୍ କ୍ୱାଲିଫାୟର୍ସ -୨୦୨୬ ର ଫାଇନାଲ୍‌ଥି ଗଲାକାଏଲ୍ ଇଂଲଣ୍ଡ ଦଲ୍ ଜିତିଛେ । ଫାଇନାଲ୍ ମୁକାବିଲାଥି ଇଂଲଣ୍ଡ ଦଲ୍ ଭାରତୀୟ ମହିଳା ହକି ଦଲ୍ କେ ୨/୦ ଗୋଲ୍‌ଥି ହରେଇଥିଲା ।

ପାଣିପାଗ      ଆର୍ଏନ୍ୟୁ/ ସମ୍ବଲପୁର

ରାଜ୍ୟର୍ ସମୁଦ୍ରଖଁଡ଼ି ଆଉ ପଶ୍ଚିମ ଭାଗେ ଦିନର୍ ତାପମାତ୍ରା ଅଏତ୍କା ବଢ଼୍ବାର୍ଥି ଲାଗିଛେ । ଝାର୍ସୁଗୁଡ଼ା ଆଉ ସମ୍ବଲ୍ପୁର୍ ଜିଲ୍ଲା ନ ଗ୍ରୀଷ୍ମପ୍ରବାହ ଲାଗି ରହେବା ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ । ପଶ୍ଚିମ ଓଡ଼ିଶାର୍ ଝାର୍ସୁଗୁଡ଼ା, ସମ୍ବଲ୍ପୁର୍, ଟିଟିଲାଗଡ଼୍ ଜିଲ୍ଲା ନ ଗଲାକାଏଲ୍ ଦିନର୍ ସବୁନୁ ଜହ ତାପମାତ୍ରା ୪୦ ଡିଗ୍ରୀ ପାର୍ କରିଛେ ।

ସେଆଡ଼େ କାଲ୍ବୈଶାଖୀର୍ ପ୍ରଭାବ୍ଥି ମୟୁର୍ଭଞ୍ଜ୍ ଆଉ କେନ୍ଦୁଝର୍ ଜିଲ୍ଲା ନ ଆଏଜ୍ ଧୁକାଗର୍ଡ଼ି ସାଙ୍ଗେ ବର୍ଷା ହେଇପାରେ ବଲି ବଲି ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ସୂଚ୍ନା ଦିଆଯାଇଛେ ।